# ଆହେ ଦୟାମୟ ବିଶ୍ୱବିହାରୀ

ରାମକୃଷ୍ଣ ନନ୍ଦ



ଆହେ ଦୟାମୟ ବିଶ୍ୱବିହାରୀ !
ଘେନ ଦୟା ବହି ମୋର ଗୁହାରି ।
ଜଳ, ସ୍ଥଳ, ବନ, ଗିରି, ଆକାଶ
ତୁମ ଲୀଳା ସବୁଠାରେ ପ୍ରକାଶ ।

ତୁମେ ଶୁଭବୁଦ୍ଧି ପରା ଶିଖାଅ,
ତୁମେ ଭଲବାଟ ପରା ଦେଖାଅ ।
ମୋର କାମକୁ କରାଅ ସରସ,
ମୋର ମୁଖେ ଦିଅ ଚିର ହରଷ ।
ତୁମ ଚରଣରେ ମୋର ଭକତି,
ଦିଅ ବିପଦେ ସାହସ ଶକତି ।।



କୂଟ କପଟ ସ୍ୱଭାବ ଯାହାର,
ତାଙ୍କୁ ଦୂରୁଁ ମୁ କରଇ ଜୁହାର ।
ମୋତେ ନ ମିଶାଅ ତାଙ୍କ ସାଥିରେ,
ସଦା ରଖ ସାଧୁଜନ କତିରେ ।
ଦୟା ବିନୟ ହେଉ ମୋ ଭୂଷଣ,
କାହା ମନେ ନ ଦିଏ ମୁଁ କଷଣ ।।



ଦୁଃଖୀ ଅରକ୍ଷିତ ସେବା କାରଣେ,
ବଳ ଦିଅ ମୋର କର ଚରଣେ ।
ସତ କହିବାକୁ କିଆଁ ଡରିବି ?
ସତ କହି ପଛେ ମଲେ ମରିବି ।
ମୋତେ ଏତିକି ଶିଖାଅ ସାଇଁ ହେ,
ମୋର ଧନ, ଜନ ଲୋଡ଼ା ନାହିଁ ହେ ।